## ସଂକ୍ଷେପରେ

### ପୋଲ ତଳେ ଶିଶୁପୁତ୍ରର ମୃତଦେହ

**ନୟାଗଡ଼ ଅଫିସ,୨୧।୧୧:** ନୟାଗଡ଼ ଜିଲା ଗୋଡିପଡା ନିକଟ କଇଁଫୁଲିଆ ନାଳର ମଝିଆଖଣ୍ଡ ପୋଲ ତଳେ ଶନିବାର ଏକ ନବଜାତ ଶିଶୁପୁତ୍ରର ମୃତଦେହ ପଡିଥିବା ଦେଖାଯାଇଥିଲା। ସ୍ଥାନୀୟ ଲୋକେ ପ୍ରଥମେ ଏହା ଜୀବିତ ଭାବି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ହେଲେ ମୃତ ଜାଣିବା ପରେ ଫେରିଆସିଥିଲେ। କେହି ଶିଶୁଟିକୁ ମାରି ଫିଙ୍ଗିଦେଇଥିବା ସନ୍ଦେହ କରାଯାଉଛି।

### ପୋଖରୀରେ ବୁଡ଼ି ୨ ବର୍ଷ ବାଳକର ମୃତ୍ୟୁ

**ଡେରାବିଶ,୨୧।୧୧(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଚଷାଖଣ୍ଡ ଗ୍ରାମରେ ଶନିବାର ପୋଖରୀରେ ବୁଡ଼ି ଜଣେ ୨ ବର୍ଷର ବାଳକର ମୃତ୍ୟୁ ହୋଇଛି। ସେ ହେଲା ଗ୍ରାମର ସୟଦ ତାହେର ଅଲ୍ଲିଙ୍କ ପୁଅ ସୟଦ ତାରିକ ଅଲ୍ଲି। ତାରିକ ଘର ପଛପଟ ପୋଖରୀ ହୁଡ଼ାରେ ଖେଳୁଥିବାବେଳେ ସମସ୍ତଙ୍କ ଅଜାଣତରେ କେତେବେଳେ ପୋଖରୀ ଭିତରକୁ ଖସିପଡ଼ିଥିଲା। କିଛି ସମୟ ପରେ ପରିବାର ଲୋକେ ତାକୁ ନ ପାଇବାରୁ ଗ୍ରାମଲୋକଙ୍କ ସହାୟତାରେ ପୋଖରୀରେ ଖୋଜାଖୋଜି କରିଥିଲେ। ଅଚେତ ଅବସ୍ଥାରେ ପାଣିରୁ ଉଦ୍ଧାର କରି ତାକୁ ପ୍ରଥମେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

### ପଟ୍ଟାମୁଣ୍ଡାଇ ବୋଇତ ବନ୍ଦାଣ ଉତ୍ସବ ପାଇଁ ପ୍ରସ୍ତୁତି

**ପଟ୍ଟାମୁଣ୍ଡାଇ, ୨୧।୧୧(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ଆନୁକୂଲ୍ୟରେ ହେଉଥିବା ୯ମ ବାର୍ଷିକ ବୋଇତ ବନ୍ଦାଣ ଉତ୍ସବ ନିମନ୍ତେ ଶନିବାର ସ୍ଥାନୀୟ କସ୍ତୁରି କଳା ନିକେତନ ସ୍କୁଲ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଅନିରୁଦ୍ଧ ରାଉଳ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ଗୋପୀନାଥ ତ୍ରିପାଠୀ ଉତ୍ସବକୁ ସରସସୁନ୍ଦର କରାଯିବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆସନ୍ତା ୨୯ରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ପତ୍ରପୁର ବ୍ରାହ୍ମଣୀ ସେତୁ ନିକଟରେ ବୋଇତ ବନ୍ଦାଣ ଉତ୍ସବ ହେବା ପାଇଁ ସ୍ଥିର କରାଯାଇଥିଲା। ବୈଠକରେ ବରିଷ୍ଠ ସଦସ୍ୟ ବସନ୍ତ କୁମାର ମଲ୍ଲିକ, ରାଜକୁମାର ବିଶ୍ୱାଳ, ବିଜୟ କୁମାର ସାହୁ, ପ୍ରାକ୍ତନ ପ୍ରଧାନଶିକ୍ଷକ କସ୍ତୁରୀ ଚରଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ମତାମତ ଦେଇଥିଲେ। ଉତ୍ସବର ପ୍ରତିଷ୍ଠାତା ଦିବାକର ବିଶ୍ୱାଳଙ୍କ ୧ମ ବାର୍ଷିକ ଶ୍ରାଦ୍ଧଦିବସ ପଡୁଥିବାରୁ ଉକ୍ତ ଦିନ ବିକାଶ ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର ହୋଇଥିଲା। ବରିଷ୍ଠ ସଭ୍ୟ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### ୨ ବଖରା ଜଳିଗଲା

**ଚଣ୍ଡିଖୋଲ,୨୧।୧୧(ଡି.ଏନ.ଏ.):** ଦର୍ପଣ ତହସିଲ ଅଧୀନ ଚଣ୍ଡିତଳ ପଞ୍ଚାୟତ ତେଲିଗଡ ଗ୍ରାମରେ ଶନିବାର ସକାଳେ ଅଗ୍ନିକାଣ୍ଡ ଘଟି ୨ ବଖରା ପାଉଁଶ ହୋଇଯାଇଛି। ତେଲିଗଡ ଗ୍ରାମର ତୁରାମ ଶୁଣ୍ଡିଙ୍କ ପୁଅ ବାଇଧର ଶୁଣ୍ଡିଙ୍କ ଘରେ ହଠାତ ନିଆଁ ଲାଗିଥିଲା। ନିଆଁର ପ୍ରକୋପ ଅଧିକ ଥିବାରୁ ଘରେ ଥିବା ସାମଗ୍ରୀ ଉଦ୍ଧାର କରିବା ସମ୍ଭବ ହୋଇ ପାରି ନ ଥିଲା। ଫଳରେ ପ୍ରାୟ ୫୦ହଜାର ଟଙ୍କାର ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇ ଯାଇଥିଲା। ଖବର ପାଇ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡିନାହିଁ। ଏହି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ନୀଳକଣ୍ଠେଶ୍ୱର ମନ୍ଦିର ହୁଣ୍ଡି ଚୋରି

**ବାଲିକୁଦା,୨୧।୧୧(ସ୍ୱ.ପ୍ର.):** ବାଲିକୁଦା ଥାନା ଅନ୍ତର୍ଗତ ମାଛଗାଁ ପଞ୍ଚାୟତ ଓଟିନ୍ଦାସ୍ଥିତ ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱରଙ୍କ ମନ୍ଦିରର ହୁଣ୍ଡିକୁ କେତେଜଣ ଦୁର୍ବୃତ୍ତ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି କରିନେଇଛନ୍ତି। ଏ ନେଇ ମନ୍ଦିର ବଡପଣ୍ଡା ନାରାୟଣ ପଣ୍ଡାଙ୍କ ପୁଅ ଲିଟୁ ପଣ୍ଡା ଓ ପୂର୍ବତନ ସରପଞ୍ଚ ମନମୋହନ ପରିଡା ବାଲିକୁଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ କିଛି ଦିନ ତଳେ ଏହି ଥାନା ଅନ୍ତର୍ଗତ ନାଗପୁରସ୍ଥିତ ମା' ଜାଗୁଲାଇ ମନ୍ଦିର, ଖାଲେରୀ ମହାଦେବ ମନ୍ଦିର, ଦେବଗ୍ରାମର କନକେଶ୍ୱର ମହାଦେବ ମନ୍ଦିରରୁ ହୁଣ୍ଡି ଚୋରି ହୋଇଥିଲା। ବାରମ୍ବାର ଏପରି ଘଟଣା ନେଇ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଜିଲାରେ ବଢୁଛି ତଟକ୍ଷୟ ସମସ୍ୟା

**କେନ୍ଦ୍ରାପଡ଼ା ଅଫିସ, ୨୧।୧୧**


ପେଣ୍ଠାରେ ଜିଓ ଟ୍ୟୁବ୍‌ୱାଲର ଗାବିୟନ ବକ୍ସରୁ ପଥର ବାହାରିଯାଇଛି।

- ଜିଓ ଟ୍ୟୁବ୍‌ୱାଲ୍‌ର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ
- ସୁନାମି ପ୍ରବଣ ୬୪ ଗ୍ରାମକୁ ରହିଛି ବିପଦ
- ୬୦ ବର୍ଷରେ ୮୮ ବର୍ଗ କି.ମି. ହେନ୍ତାଳବଣ ନଷ୍ଟ

କେନ୍ଦ୍ରାପଡ଼ା ଜିଲାରେ ସାମୁଦ୍ରିକ ତଟକ୍ଷୟ ଏକ ସମସ୍ୟା ଭାବେ ଉଭାହୋଇଛି। ଏଥିଯୋଗୁ ୧୯୬୦ରୁ ୨୦୧୬ ମଧ୍ୟରେ ଜାତୀୟ ଉଦ୍ୟାନ ଭିତରକନିକା ଅଞ୍ଚଳରୁ ୮୮ ବର୍ଗ କିଲୋମିଟର ହେନ୍ତାଳ ବଣ ନଷ୍ଟ ହୋଇଛି। ରାଜନଗର ବ୍ଲକ ପେଣ୍ଠାରେ ନିର୍ମିତ ଜିଓ ସିନ୍ଥେଟିକ ୱାଲ୍ କ୍ରମାଗତ ନଷ୍ଟ ହେବା ଫଳରେ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତଟକ୍ଷୟ ଫଳରେ ଆଗାମୀ ଦିନରେ ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଆଗମନ ଆଶଙ୍କା ଘେରରେ ଥିବାବେଳେ ସୁନାମି ପ୍ରବଣ ୬୪ ଗ୍ରାମକୁ ବିପଦ ମାଡିଆସୁଛି ବୋଲି ସ୍ଥାନୀୟ ପରିବେଶବିତ୍ ଓ ବୁଦ୍ଧିଜୀବୀ ମତ ଦେଇଛନ୍ତି।

୪୮ କିଲୋମିଟର ସମୁଦ୍ର ତଟ ମଧ୍ୟରୁ ୨୮ କିଲୋମିଟର ଅଞ୍ଚଳରେ ତଟକ୍ଷୟ ଉତ୍କଟ ରୂପ ଧାରଣ କରିଛି। ଏହି ସମସ୍ୟା ଯୋଗୁ ରାଜନଗର ବ୍ଲକର ସାତଭାୟାବାସୀଙ୍କୁ ବଗପାଟିଆକୁ ସ୍ଥାନାନ୍ତର କରାଯାଇଛି। ପାପୁଲି ମୁହାଣରୁ ଧାମରା ମୁହାଣ ପର୍ଯ୍ୟନ୍ତ ତଟକ୍ଷୟ ଜାରି ରହିଥିବା ବେଳେ ପେଣ୍ଠାରେ ନିର୍ମିତ ଜିଓ ଟ୍ୟୁବ୍‌ୱାଲ୍ ସୁରକ୍ଷିତ ନ ଥିବା ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି। ସେ ଦର୍ଶାଇଛନ୍ତି, ଓଡିଶାର ୪୮୦ କିଲୋମିଟର ସମୁଦ୍ର ତଟ ମଧ୍ୟରୁ ୩୬ ପ୍ରତିଶତ ଅଞ୍ଚଳରେ ସମୁଦ୍ରର ଉତ୍ତାଳ ଲହଡି ବିପଦ ସୃଷ୍ଟି କରିଛି। ଜିଲା ପ୍ରଶାସନର ତଥ୍ୟ ଅନୁଯାୟୀ ଏଥିରୁ କେନ୍ଦ୍ରାପଡ଼ା ଜିଲାର ତଟାଞ୍ଚଳ ବାଦ୍ ପଡିନାହିଁ। ଜାତୀୟ ଉଦ୍ୟାନ ଭିତରକନିକା ଅଞ୍ଚଳରୁ ୧୯୬୦ ମସିହାରୁ ଅଦ୍ୟାବଧି ୮୮ ବର୍ଗକିଲୋମିଟର ହେନ୍ତାଳ ବଣ ନଷ୍ଟ ହୋଇଛି। ଏପରି କି ବିଗତ ସାମୁଦ୍ରିକ ଝଡ଼ ସମୟରେ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ହେଉଥିବା ତଟକ୍ଷୟ ଉଦ୍‌ବେଗଜନକ ସ୍ଥିତିରେ ଅଛି। ଗତ ୨ ବର୍ଷ ମଧ୍ୟରେ ଅଗରନାଶୀ, ବାବୁବାଲି ଆଦି ଅଲିଭ୍ ରିଡ୍‌ଲେଙ୍କ ପ୍ରଜନନ ସ୍ଥଳ ସଙ୍କୁଚିତ ହୋଇଛି ବୋଲି ବୁଦ୍ଧିଜୀବୀ ତଥ୍ୟ ଉପସ୍ଥାପନ କରିଛନ୍ତି। ପେଣ୍ଠ ଗ୍ରାମର ହରିହର ଦାସ କହିଛନ୍ତି, ତଟକ୍ଷୟ ରୋକିବା ପାଇଁ ୱାର୍ଲଡ ବ୍ୟାଙ୍କ ସହାୟତାରେ ୩୩ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏଠାରେ ଜିଓ ଟ୍ୟୁବୱାଲ୍ ନିର୍ମିତ ହୋଇଥିଲା। ତେବେ ନିର୍ମାଣ ସମୟରେ ଏହାର ଗୋଟିଏ ଟ୍ୟୁବ୍ ଫାଟିବା ସହ ବିଭିନ୍ନ ସମୟରେ ନିଆଁ ଲାଗି ୫୦ରୁ ଊର୍ଦ୍ଧ୍ୱ ଗାବିୟନ ବକ୍ସ ପୋଡିଗଲାଣି। ସେହିପରି ଏଠାରେ ସାମୁଦ୍ରିକ ଢ଼େଉ ମାଡ ଫଳରେ ଗାବିୟନ ବକ୍ସର ରଶି ଛିଡୁଥିବାବେଳେ ନିକଟସ୍ଥ ବନ୍ଧର ପଥରଗୁଡ଼ିକୁ ସମୁଦ୍ର ମଧ୍ୟକୁ ଟାଣିନେଉଛି। ଫଳରେ ଏହି ଟ୍ୟୁବ ୱାଲ୍ ସୁରକ୍ଷିତ ହେଉ ନାହିଁ। ପରିବେଶବିତ୍ ହେମନ୍ତ କୁମାର ରାଉତ କହନ୍ତି, ତଟକ୍ଷୟ ରୋକିବା ପାଇଁ ହେନ୍ତାଳବଣ ସକ୍ଷମ। ତେବେ ବନ ବିଭାଗ ପକ୍ଷରୁ ଏହାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉ ନ ଥିବାରୁ ହାବେଳିଖଟି, ସାତଭାୟା, ନାଶୀ ଆଦି ଅଞ୍ଚଳରେ ତଟକ୍ଷୟ ବଢୁଛି। ଏଥିସହିତ ତଟାଞ୍ଚଳରୁ ଚିଙ୍ଗୁଡିଘେରି ଉଚ୍ଛେଦ ଓ ଅନୁପ୍ରବେଶ ରୋକିବା ଜରୁରୀ ହୋଇପଡିଛି। ଜାତୀୟ ଉଦ୍ୟାନ ଓ ଜିଲାର ଚିହ୍ନଟ ୬୪ ସୁନାମିପ୍ରବଣ ଗ୍ରାମର ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିତ ଅନୁଧ୍ୟାନ ହେବା ଆବଶ୍ୟକ। ଏ ସମ୍ପର୍କରେ ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ କହିଛନ୍ତି, ତଟକ୍ଷୟରୁ ମୁକ୍ତି ପାଇଁ ପ୍ରତିବର୍ଷ ହେନ୍ତାଳବଣ ସୃଷ୍ଟି କରାଯାଉଛି। ଏହାସହ ରାସାୟନିକ ପଦାର୍ଥ ଓ ବର୍ଜ୍ୟବସ୍ତୁ ସମୁଦ୍ର ମଧ୍ୟକୁ ନ ଛାଡିବା ପାଇଁ ସଚେତନ କରାଯାଉଛି।

# ବିପୁଳ ଅଳଙ୍କାର, ୩ ଲକ୍ଷ ଟଙ୍କା ଜବତ


ଜବତ ସାମଗ୍ରୀ ସହ ଗିରଫ ଅଭିଯୁକ୍ତମାନେ।

**୩ ଗିରଫ, ଦୁଇଜଣଙ୍କୁ ଖୋଜୁଛି ପୋଲିସ**

**କୋରେଇ,୨୧।୧୧ (ସ୍ୱ.ପ୍ର.)**

କୋରେଇ ଥାନା ଅଧୀନ ପୂର୍ବକୋଟ ଗ୍ରାମର ତେଲେଙ୍ଗା ବସ୍ତିର ମାଇକେଲ ଅନିଲୁଙ୍କ ଘରୁ ବିପୁଳ ଚୋରା ସୁନା, ରୁପା ଅଳଙ୍କାର ଓ ଟଙ୍କା ଜବତ କରାଯାଇଛି। ଏନେଇ ୩ଜଣଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ଦୁଇ ଅଭିଯୁକ୍ତ ମାଇକେଲ ଅନିଲୁ ଓ ତାଙ୍କ ପୁଅ ଆକାଶଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଚାଲିଥିବା ଯାଜପୁରରୋଡ୍ ଏସଡିପିଓ ଚିନ୍ମୟ ନାୟକ ଶନିବାର ଖବରଦାତା ସମ୍ମିଳନୀରେ କହିଛନ୍ତି।

ପୋଲିସ ଗତ ଗୁରୁବାର ମାଇକେଲ ଅନିଲୁଙ୍କ ଘରେ ଚଢ଼ାଉ କରିଥିଲା। ସେଠାରୁ ପୋଲିସ ୨୨୩.୦୩ ଗ୍ରାମ ସୁନା ଅଳଙ୍କାର, ୧୦୬୧.୩୪ ଗ୍ରାମ ରୁପା ଅଳଙ୍କାର, ୩ଲକ୍ଷ ୪ହଜାର ଟଙ୍କା, ୨ ଏଟିଏମ୍ କାର୍ଡ, ୭ ଆଧାର କାର୍ଡ ସହିତ ୩ ଗାଡ଼ି ଡିକି, ଘର ଚାବି ଭଙ୍ଗା ଲୁହା ଯନ୍ତ୍ରପାତି ଜବତ କରିଥିଲା। ଏନେଇ ମାଇକେଲଙ୍କ ପରିବାର ଲୋକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିବା ପରେ ୩ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଉକ୍ତ ତେଲେଙ୍ଗା ବସ୍ତିର ଆୟୁଲା ଦାନବୀର ରାଓ, କାଳି କୱାଡି ଏବଂ ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଅନ୍ତର୍ଗତ ଗୁମିଡିଗୁଡ଼ା ଗ୍ରାମର ଅଭୁଲା ଦୁର୍ଗା ପ୍ରସାଦ।

ମିଳିଥିବା ସୂଚନାନୁଯାୟୀ, ଚୋର, ଲୁଟେରା ଗ୍ୟାଙ୍ଗର ସଦସ୍ୟମାନେ ବିଭିନ୍ନ ରାଜ୍ୟରେ ଚୋରି କରି ତେଲେଙ୍ଗା ବସ୍ତିରେ ଆଶ୍ରୟ ନେଉଛନ୍ତି। ପୂର୍ବରୁ ବହୁଥର ବାହାର ରାଜ୍ୟର ପୋଲିସ ସ୍ଥାନୀୟ ପୋଲିସ ସହାୟତାରେ ତେଲେଙ୍ଗା ବସ୍ତିରେ ଚଢ଼ାଉ କରିଛି। ପୋଲିସ ଚୋରି ସୁନା ଓ ଅନ୍ୟ ସାମଗ୍ରୀ ନେଇ ଅପରାଧୀମାନଙ୍କୁ ଛାଡ଼ି ଦେଉଛି। ଏବେ ବାହାର ରାଜ୍ୟକୁ ଯାତାୟାତ ସମସ୍ୟା ଥିବାରୁ ସମ୍ପୃକ୍ତ ଅପରାଧୀମାନେ ଜିଲା ଭିତରେ ଚୋରି, ଲୁଟ୍ ଘଟାଉଛନ୍ତି। ଏପରିକି ସେମାନଙ୍କଠାରୁ କମ୍ ମୂଲ୍ୟରେ ଚୋରି ସାମଗ୍ରୀ କିଣି ନିକଟସ୍ଥ ବ୍ୟାସନଗରର କେତେଜଣ ସୁନା ବ୍ୟବସାୟୀ ଓ ସ୍ଥାନୀୟ ଲୋକ ମାଲାମାଲ ହେଉଛନ୍ତି। ପୋଲିସ ଏ ସମ୍ପର୍କରେ ଜାଣି ଅଜଣା ରହୁଥିବା ଚର୍ଚ୍ଚା ହେଉଛି।

# ଟ୍ରାକ୍ଟର ସହ କାର୍ ଧକ୍କା: ପରିବାରର ୫ ଗୁରୁତର

**ରସୁଲପୁର,୨୧।୧୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଧୀନ ୧୬ନଂ ଜାତୀୟ ରାଜପଥର ମୂଳାପାଳ ଛକ ନିକଟରେ ଶନିବାର ମଧ୍ୟାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତା ନିର୍ମାଣରେ ନିୟୋଜିତ ଠିକା ସଂସ୍ଥାର ଟ୍ରାକ୍ଟର ବେପରୁଆ ଭାବରେ ରାଜପଥ ଉପରକୁ ଉଠି ଆସିବାରୁ କୁଆଖିଆ ପଟୁ ଆସୁଥିବା କାର୍ ଟ୍ରାକ୍ଟର ସହ ଧକ୍କା ହୋଇଥିଲା। ଫଳରେ କାର୍‌ରେ ଯାଉଥିବା ଗୋଟିଏ ପରିବାରର ୫ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବରୀ ବ୍ଲକ ଅନ୍ତର୍ଗତ ସିଠାଳିବାଘ ସାହିର ବାସନ୍ତୀ ସାହୁ (୫୨), ସୁକାନ୍ତୀ ସାହୁ(୨୩), ଆଲୋକ ସାହୁ(୩୦), ତରଙ୍ଗୀତା ସାହୁ(୩୦) ଓ କୁନି ଝିଅ ଆରିଆ ତନୟା ସାହୁ। ରସୁଲପୁର ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଗୁରୁତରଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଛି।

କୁଆଖିଆ ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ମାତ୍ର ଠିକାସଂସ୍ଥା ଟ୍ରାକ୍ଟର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନରେ ଅଭିଯୋଗ ହୋଇ ନ ଥିବା ଜଣାଯାଇଛି। ଏହି ଦୁର୍ଘଟଣା ପାଇଁ ରାଜପଥ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥାକୁ ଦାୟୀ କରାଯାଇଛି। ରାସ୍ତା ନିର୍ମାଣ ଅତ୍ୟନ୍ତ ବେପରୁଆ ଭାବରେ କରାଯାଉଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି ବୋଲି ଅଭିଯୋଗ ହୋଇଛି।


ଦୁର୍ଘଟଣାଗ୍ରସ୍ତ କାର।

# ନିରାଡ଼ମ୍ବରରେ ଶେଷହେଲା ଗିରିଗୋବର୍ଦ୍ଧନ ପୂଜା

**ଡେରାବିଶ,୨୧।୧୧(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁରଠାରେ ଗତ ୧୫ ତାରିଖଠାରୁ ଆରମ୍ଭ ହୋଇଥିବା ଗିରିଗୋବର୍ଦ୍ଧନ ପୂଜା ଶନିବାର ଶେଷ ହୋଇଛି। ତେବେ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଏହି ପୂଜା ନିରାଡ଼ମ୍ବର ଭାବେ ପାଳନ କରାଯାଇଥିଲା। ଗ୍ରାମରେ ଥିବା ୬୦ରୁ ଊର୍ଦ୍ଧ୍ୱ ବୁଣାକାର ପରିବାରଙ୍କ ଦ୍ୱାରା ପୂଜା ପାଉଥିବା ଭଗବାନ ଗିରିଗୋବର୍ଦ୍ଧନଙ୍କ ନିକଟରେ କେବଳ ବିଧି ଓ ପାରମ୍ପରିକ ପୂଜା ଅନୁଷ୍ଠିତ ହୋଇଥିଲା। ପୂଜା କମିଟିର ଭଗବାନ ଘଡ଼େଇ, ବିଭୂତିଭୂଷଣ ଘଡ଼େଇ, ସୁବାସ ଚନ୍ଦ୍ର ଘଡ଼େଇ, ନିରଞ୍ଜନ ଘଡ଼େଇଙ୍କ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଏହି ପୂଜା ପାଇଁ ଗ୍ରାମଟି ଦୀର୍ଘ ୭ଦିନ ଧରି ଉତ୍ସବମୁଖର ହୋଇଥାଏ। ଅପେରା ଓ ଅସ୍ଥାୟୀ ଦୋକାନର ମଜା ନେଉଥିବା ଶ୍ରଦ୍ଧାଳୁଙ୍କୁ ଚଳିତବର୍ଷ ପୂଜା ମଣ୍ଡପରେ ଦେଖିବାକୁ ମିଳି ନ ଥିଲା। ସେହିପରି ବ୍ଲକ ଅଧୀନ ଗୌଡ଼ବିଶି, ରଜାଙ୍ଗଠାରେ ଅନୁଷ୍ଠିତ ଗିରିଗୋବର୍ଦ୍ଧନ ପୂଜା ଉଦ୍‌ଯାପିତ ହୋଇଯାଇଛି।

# ଜିଲାପାଳଙ୍କୁ ଅଭିଯୋଗ କରିବାକୁ ପରାମର୍ଶ

**ଧର୍ମଶାଳା,୨୧।୧୧(ଡି.ଏନ.ଏ.)**

**ବିଛାଖଣ୍ଡି ପାହାଡ଼ ନିଲାମ ନେଇ ହାଇକୋର୍ଟରେ ମାମଲା ପ୍ରସଙ୍ଗ**

ଧର୍ମଶାଳା ତହସିଲ ଅଧୀନ ବିଛାଖଣ୍ଡି ପାହାଡ଼ରୁ କଳାପଥର ଉତ୍ତୋଳନ ଓ ନିଲାମ ପ୍ରକ୍ରିୟାକୁ ନେଇ ସ୍ଥାନୀୟ ଜମିମାଲିକମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଗତ ୧୬ ତାରିଖରେ ଏହାର ଶୁଣାଣି କରି ଯାଜପୁର ଜିଲାପାଳଙ୍କୁ ଅଭିଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ୨ମାସ ଭିତରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ ସେ ଏହାର ସମାଧାନ କରିବେ ବୋଲି ହାଇକୋର୍ଟ ଆବେଦନକାରୀଙ୍କୁ କହିଛନ୍ତି। ତେବେ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରି ହତାଶ ହୋଇଥିବାରୁ ପୁଣି ଅଭିଯୋଗ କଲେ ନ୍ୟାୟ ମିଳିବକି ନାହିଁ ତାକୁ ନେଇ ଜମି ମାଲିକମାନଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ତଥାପି ସେମାନେ ପୁଣି ଜିଲାପାଳଙ୍କୁ ଅବଗତ କରିବାକୁ ସ୍ଥିର କରିଛନ୍ତି। ଯଦି ଜିଲା ପ୍ରଶାସନ ସେମାନଙ୍କ ଦାବିକୁ ବିଚାର କରି ନ୍ୟାୟ ପ୍ରଦାନ ନ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ନେତ୍ରୀ ସ୍ମୃତିରେଖା ପହି ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ବିଛାଖଣ୍ଡି ପାହାଡ଼ରେ କଳାପଥର ଉତ୍ତୋଳନ ଓ ନିଲାମ ପ୍ରକ୍ରିୟାକୁ ନେଇ ସ୍ଥାନୀୟ ଜମିମାଲିକମାନେ କଂଗ୍ରେସ ନେତ୍ରୀ ପହିଙ୍କ ନେତୃତ୍ୱରେ ପୂର୍ବରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ଗତ ଅଗଷ୍ଟ ୨୮ରେ ଅତିରିକ୍ତ ଜିଲାପାଳ ମର୍ଜିତାପୁର କଲ୍ୟାଣ ମଣ୍ଡପଠାରେ ଜନଶୁଣାଣି କରିଥିଲେ। ଏଥିରେ ନିଲାମ ପ୍ରକ୍ରିୟାକୁ ବିରୋଧ କରାଯିବା ସହ ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସ ଏବଂ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ତଦନ୍ତ କରାଯାଇ ୱାଗନ ଡ୍ରିଲ ବନ୍ଦ କରିବା ପାଇଁ ଦାବି କରାଯାଇଥିଲା। ୱାଗନ ଡ୍ରିଲିଂ ହେବା ଫଳରେ ପଥରଖଣ୍ଡମାନ ଚାଷ ଜମିରେ ପଡୁଛି। ଫଳରେ ଧାନ ଜମି ନଷ୍ଟ ହେବା ସହ ଭୂତଳ ଜଳ ଦୂଷିତ ହେଉଥିବା ଅଭିଯୋଗ ହୋଇଥିଲା। ଜିଲା ପ୍ରଶାସନକୁ ଅବଗତ କରି ସୁଫଳ ନ ମିଳିବାରୁ ସ୍ଥାନୀୟ ଅଞ୍ଚଳ ଜମି ମାଲିକମାନେ କଂଗ୍ରେସ ନେତ୍ରୀ ପହିଙ୍କ ନେତୃତ୍ୱରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ବିଧାନସଭାରେ ପରୀ ହତ୍ୟାକାଣ୍ଡ ପ୍ରସଙ୍ଗ ଉଠାଇବାକୁ ଅନୁରୋଧ

**ନୟାଗଡ଼ ଅଫିସ,୨୧।୧୧**

ନୟାଗଡ଼ ସଦର ଥାନା ଯଦୁପୁରର ୫ ବର୍ଷର ଶିଶୁକନ୍ୟା ପରୀ ହତ୍ୟାକାଣ୍ଡକୁ ୪ମାସରୁ ଅଧିକ ସମୟ ବିତିଯାଇଛି। ହେଲେ ହତ୍ୟାକାରୀଙ୍କୁ ଠାବ କରିବାରେ ପୋଲିସ ବିଫଳ ହୋଇଛି। ଏ ନେଇ କଂଗ୍ରେସ, ଭାଜପା, ସାଧାରଣ ଲୋକ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇଥିଲେ ମଧ୍ୟ ସୁଫଳ ମିଳିନି। ଏଭଳିସ୍ଥଳେ ଏହି ପ୍ରସଙ୍ଗକୁ ନେଇ ବିଧାନସଭାରେ ପ୍ରଶ୍ନ କରିବାକୁ ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲା ଓ ରଣପୁର ବିଧାୟକଙ୍କୁ ହ୍ୱାଟ୍ସ ଆପ ଓ ଟୁଇଟରରେ ଅନୁରୋଧ କରିଛନ୍ତି। ଉଲ୍ଲେଖଥାଉ କି ଗତ ଜୁନ ୧୪ରେ ଅମ୍ରିତା ସ୍ନେହା ସାହୁ ଓରଫ ପରୀ ନିଖୋଜ ହୋଇଥିଲା। ଦଶମ ଦିବସରେ ତା'ର ଗଳିତ ମୃତଦେହ ଉଦ୍ଧାର ହୋଇଥିଲା। ପରେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ

**ଚଣ୍ଡିଖୋଲ,୨୧।୧୧(ଡି.ଏନ.ଏ.)**

ବଡ଼ଚଣା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ବ୍ଲକ ଅଧୀନ ବାଲିଚନ୍ଦ୍ରପୁରଠାରେ ଥିବା ଇନ୍ଦିରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପରେ ଇନ୍ଦିରାଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶୈଳେନ୍ଦ୍ର ନାରାୟଣ ଦେଓ, ମାନଭଞ୍ଜନ ରାଉତରାୟ, ରତିକାନ୍ତ ପ୍ରଧାନ, ବିଳାଶ ଚନ୍ଦ୍ର ବାରିକ, ଫକୀର ମୋହନ ବଳ, ଧର୍ମରାଜ ମହାନ୍ତି, ସେକ୍ ଅବଦୁଲ ମଜିଜ୍ ପ୍ରମୁଖ ଉପସ୍ଥିତ ଥିଲେ।

# ପୁଣି ନକଲି ଜର୍ଦ୍ଦା ଜବତ, ଜଣେ ଗିରଫ

**ଛତିଆ,୨୧।୧୧(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ନେଳିଆ ପଞ୍ଚାୟତ ଅଧୀନ ବିଦ୍ୟାଧରପୁର ଗ୍ରାମରୁ ଶୁକ୍ରବାର ରାତିରେ ପୁଣି ବିପୁଳ ନକଲି ଜର୍ଦ୍ଦା ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର ବିନୋଦ ପାଳ। ବିନୋଦ ନକଲି ଜର୍ଦ୍ଦା ପ୍ରସ୍ତୁତ କରିବା ସହ ବିଭିନ୍ନ କମ୍ପାନୀର ବ୍ରାଣ୍ଡ ଲଗାଇ ବିକ୍ରି କରୁଥିଲେ। ବୈରୀ ଥାନା ଆଇଆଇସି ମାର୍କଣ୍ଡ ମିଶ୍ର ବିଶେଷ ସୂତ୍ରରୁ ଖବର ପାଇ ସଦଳବଳ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ୬୦ କିଲୋ ଗ୍ରାମର ଏକ ବସ୍ତାରେ ଭର୍ତ୍ତି ହୋଇଥିବା ନ କଲି ଜର୍ଦ୍ଦା ପତି, ପ୍ୟାକିଂ ମେଶିନ୍, ଗ୍ରାଇଣ୍ଡିଂ ମେଶିନ୍ ଏବଂ ବିଭିନ୍ନ ବ୍ରାଣ୍ଡ କମ୍ପାନୀର ଜରି ଓ ଡବା ଜବତ କରାଯାଇଥିଲା। ଚଢ଼ାଉରେ ଏସ୍ଆଇ ଜଗଦୀଶ କର, ବିଶ୍ୱଜିତ୍ ବିଶ୍ୱାଳ, ସର୍ବେଶ୍ୱର ଭୋଇ, ଏଏସ୍ଆଇ ଅଫ୍‌ସର ଅଲ୍ଲିଖାଁ, କନଷ୍ଟେବଳ ଚୌଧୁରୀ ଲକ୍ଷ୍ମଣ ମିଶ୍ର, ଅଫସର ଅଲ୍ଲି ରାଜ୍, ପୀତାମ୍ବର ମହାନ୍ତି ଓ ଦିଲୀପ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଗତ ମାସରେ ଉକ୍ତ ଗ୍ରାମରେ ଏସ୍‌ଟିଏଫ୍‌ଟିମ୍ ଏବଂ ବୈରୀ ପୋଲିସ୍ ଚଢ଼ାଉ କରି ବିପୁଳ ନକଲି ଜର୍ଦ୍ଦା ସହିତ ବିଭିନ୍ନ ଯନ୍ତ୍ରପାତି ଜବତ କରିଥିଲେ। ଘଟଣାରେ ୩ଜଣଙ୍କୁ ଗିରଫ କରାଯାଇଥିଲା। ତେବେ ବାରମ୍ବାର ଉକ୍ତ ଗ୍ରାମରେ ଚଢ଼ାଉ କରାଯିବା ସତ୍ତ୍ୱେ ନକଲି ଜର୍ଦ୍ଦା ବେପାରୀଙ୍କ ଉପରେ କୌଣସି ପ୍ରଭାବ ପଡୁନାହିଁ। ଫଳରେ ବେପାରୀ ଖୁଲମ୍‌ଖୁଲା ନିଜର କାୟା ବିସ୍ତାର କରି ଚାଲିଛନ୍ତି।

# ଅନୁଦାନ ଅର୍ଥ ବାଟମାରଣା ନେଇ ଲୋକପ୍ରତିନିଧିଙ୍କ ଉଦ୍‌ବେଗ

**ଖଣ୍ଡପଡ଼ା,୨୧।୧୧ (ସ୍ୱ.ପ୍ର.)**

**ଖଣ୍ଡପଡ଼ା ବ୍ଲକ**

ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ଉନ୍ନୟନମୂଳକ କାର୍ଯ୍ୟର ସବିଶେଷ ତଥ୍ୟ ନ ଥିବାରୁ ଲୋକପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତିମାଳା ମହାନ୍ତି, ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ବିଡିଓ ପ୍ରମୋଦ କୁମାର ନାୟକ, ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଉପସ୍ଥିତ ଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କେନ୍ଦ୍ର ସରକାର ବ୍ଲକକୁ କୋଟି କୋଟି ଟଙ୍କାର ଅନୁଦାନ ଦେଇଥିଲେ ହେଁ ଏହା ଠିକ୍ ବାଟରେ ବିନିଯୋଗ ନ ହୋଇ ବାଟମାରଣା ହୋଇଥିବା ନେଇ ଲୋକ ପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏପରି କି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବିନିଯୋଗ ଅନୁଦାନ ଅର୍ଥର ସମ୍ପୂର୍ଣ୍ଣ ବିବରଣୀ ବିଭାଗୀୟ ଅଧିକାରୀ ଓ ବିଡିଓ ଦେଇ ନ ଥିବାରୁ ଜିଲା ପରିଷଦ ଅଧ୍ୟକ୍ଷା ମହାନ୍ତି ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ସମସ୍ତ ପଞ୍ଚାୟତରେ ଆଦର୍ଶ ଗାଈ ଗୁହାଳ, ମୋ ପୋଖରୀ, କମ୍ପୋଷ୍ଟ ପିଟ୍ ନିର୍ମାଣ, ପୋଖରୀ ଖନନ, ନୂତନ ରାସ୍ତା ନିର୍ମାଣରେ ଦୁର୍ନୀତି ହୋଇଥିବା ବ୍ଲକ ଅଧ୍ୟକ୍ଷ ଅଭିଯୋଗ ଉଠାଇଥିଲେ।

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମା'

**ବିଞ୍ଝାରପୁର,୨୧।୧୧(ଡି.ଏନ.ଏ.)**

- ଯୁବକଙ୍କ ସନ୍ଦେହଜନ ମୃତ୍ୟୁ ଘଟଣା
- ମାସକ ପରେ ବି ପୋଲିସ ହାତ ଖାଲି

ବହୁଚର୍ଚ୍ଚିତ ବିଶ୍ୱଜିତ ନାୟକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ଏହାରି ମଧ୍ୟରେ ଏକ ମାସ ବିତିଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ପୋଲିସ ଏହି ଘଟଣାର ପର୍ଦ୍ଦାଫାଶ କରି ପାରୁନାହିଁ। କେବଳ ତଦନ୍ତ ଆଳରେ ଦିନ ଗଡ଼ାଇ ଚାଲିଛି। ଫଳରେ ଏହାକୁ ନେଇ ବିଶ୍ୱଜିତଙ୍କ ପରିବାର ସମେତ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ବିଶ୍ୱଜିତଙ୍କ ମୃତ୍ୟୁର ଉପଯୁକ୍ତ ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ତାଙ୍କ ବିଧବା ମା' ସାବିତ୍ରୀ ଗୁରୁବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏସ୍‌ପି ଚରଣସିଂ ମୀନାଙ୍କ ଅନୁପସ୍ଥିତରେ ଅତିରିକ୍ତ ଏସ୍‌ପି ବାଉରିବନ୍ଧୁ ବେହେରାଙ୍କୁ ଭେଟି ସାବିତ୍ରୀ ଘଟଣା ସମ୍ପର୍କରେ ଜଣାଇଛନ୍ତି।

ସେ କହିଛନ୍ତି, ତାଙ୍କ ପୁଅର ସନ୍ଦେହଜନକ ମୃତ୍ୟୁ ହୋଇନାହିଁ ବରଂ ତାଙ୍କୁ ହତ୍ୟା କରାଯାଇଛି। ଅଭିଯୁକ୍ତ ଯୋଜନାବଦ୍ଧ ଭାବେ ପୁଅକୁ ହତ୍ୟା କରିଛନ୍ତି। କିନ୍ତୁ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କରି ତଦନ୍ତ ଆଳରେ ଦିନ ଗଡ଼ାଇ ଚାଲିଛି। ଯଦ୍ୱାରା ପୋଲିସ ସେମାନଙ୍କୁ ଆଗୁଆ ଜାମିନ ପାଇଁ ସୁଯୋଗ ଦେଉଛି। ଅଭିଯୁକ୍ତ ଗିରଫ ନ ହେଲେ ପୁଅ ଆତ୍ମାକୁ ଶାନ୍ତି ମିଳିବନି ବୋଲି ସାବିତ୍ରୀ ପ୍ରକାଶ କରିଛନ୍ତି। ଅତିରିକ୍ତ ଏସପି ବେହେରା ସାବିତ୍ରୀଙ୍କୁ ପ୍ରତିଶ୍ରୁତି ଦେଇ କହିଛନ୍ତି, ମାମଲାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

ପ୍ରକାଶଯୋଗ୍ୟ, ଆଳି ଥାନା ପରମାନନ୍ଦପୁର ଗ୍ରାମର ବିଶ୍ୱଜିତ ତାଙ୍କ ସମ୍ପର୍କୀୟ ଦାଦା ବିଞ୍ଝାରପୁର ଥାନା ସୁନ୍ଦରପୁର ଗ୍ରାମର ବିଜୟ ନାୟକ ଓ ଅଜୟ ନାୟକଙ୍କ ଘରକୁ ଗତ ମାସ ୧୭ ତାରିଖ ସନ୍ଧ୍ୟାରେ ଆସିଥିଲେ। ସେଠାରେ ତାଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ମୃତଦେହ ବିଜୟଙ୍କ ଛାତ ଉପରୁ ଉଦ୍ଧାର କରାଯାଇଥିଲା। ବିଶ୍ୱଜିତଙ୍କୁ ବିଜୟ ଓ ଅଜୟ ହତ୍ୟା କରିଥିବା ସନ୍ଦେହକରି ସାବିତ୍ରୀ ଗତ ମାସ ୨୫ରେ ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ଏସ୍ଆଇ ଭାଗ୍ୟଶ୍ରୀ ବେହେରା ମାମଲା (ନଂ.୩୩୩/୨୦)ରୁଜୁ କରିବାସହ ସୁନ୍ଦରପୁର ଗ୍ରାମକୁ ଯାଇ ତଦନ୍ତ କରିଥିଲେ। ପରେ ଆଇଆଇସି ନିରଞ୍ଜନ ଶବର ଅଭିଯୁକ୍ତଦ୍ୱୟଙ୍କୁ ଡାକି ପଚରାଉଚରା କରି ଛାଡି ଦେଇଥିଲେ। ଯାଜପୁର ଟାଉନ୍ ଏସ୍‌ଡିପିଓ ନାରାୟଣଚନ୍ଦ୍ର ବାରିକ ୨ଥର ପରମାନନ୍ଦପୁର ଗ୍ରାମକୁ ଯାଇ ସାବିତ୍ରୀଙ୍କ ବୟାନ ରେକର୍ଡ କରିଛନ୍ତି।


ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ସାବିତ୍ରୀ।

## ସଂକ୍ଷେପରେ

### କାର୍ ଧକ୍କାରେ ଶିଶୁ ଗୁରୁତର

ଆଳି,୨୧।୧୧(ଡି.ଏନ.ଏ.): ଶନିବାର ଆଳି ଥାନା କଟକ ଚାନ୍ଦବାଲି ରାସ୍ତାର ନିଆଳ ହାଟ ନିକଟରେ ଏକ କାର୍ ଧକ୍କାରେ ଜଣେ ଶିଶୁ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ସୂଚନା ମୁତାବକ ଭୁଇଁପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଏକାଦଶାହରେ ଯୋଗଦେବା ପାଇଁ ଭୁବନେଶ୍ୱରରୁ କେତେଜଣ ବ୍ୟକ୍ତି କାର୍‌ରେ ଆଳି ଆସୁଥିଲେ। ସେହି ସମୟରେ ଆଳି ଥାନା ଅରେହିକଣା ଗ୍ରାମର ସୁଶାନ୍ତ ରଥଙ୍କ ସ୍ତ୍ରୀ ନିଆଳ ହାଟ ପଟେ ତାଙ୍କ ଶ୍ୱଶୁରଙ୍କ ନିକଟରେ ପୁଅ ଶିବୁ ପ୍ରସାଦ ରଥ(୬)ଙ୍କୁ ଛାଡି ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଯାଇଥିଲେ। ମଧ୍ୟାହ୍ନରେ ଉକ୍ତ କାର୍‌ଟି ସେହି ରାସ୍ତା ଦେଇ ଯାଉଥିବା ବେଳେ ଶିଶୁଟି ମା' ପାଖକୁ ଯିବା ପାଇଁ ରାସ୍ତା ଅତିକ୍ରମ କରୁଥିବାରୁ କାର୍ ସାମ୍ନାକୁ ଆସିଯାଇଥିଲା। ଗାଡି ଧକ୍କାରେ ତା'ର ମୁଣ୍ଡ ମାଡ଼ହୋଇ ରକ୍ତସ୍ରାବ ହୋଇଥିଲା। ଗାଡି ଆରୋହୀମାନେ ଶିଶୁକୁ ସେହି କାର୍‌ରେ ଆଳି ମେଡିକାଲ ନେଇ ପ୍ରାଥମିକ ଚିକିତ୍ସା ପରେ କଟକ ନେଇଛନ୍ତି। ଶିବୁର ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଖବର ମିଳିଛି।

### ଦେଶୀମଦ ଜବତ, ଜଣେ ଗିରଫ

ଧର୍ମଶାଳା,୨୧।୧୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଜେନାପୁର ଗ୍ରାମରେ ପୋଲିସ ଶନିବାର ଚଢାଉକରି ଜଣେ ମଦ ବେପାରୀକୁ ଗିରଫ କରିବା ସହ ତାଙ୍କ ନିକଟରୁ ୫ ଲିଟର ମଦ ଜବତ କରିଛି। ଜେନାପୁର ଗ୍ରାମର ପ୍ରଶାନ୍ତ କୁମାର ସାହୁ (୫୦) ନିଜ ଘର ନିକଟରେ ଦେଶୀ ମଦ ବେପାର କରୁଥିବାବେଳେ ପୋଲିସ ଚଢାଉକରି ତାଙ୍କୁ ଗିରଫ କରିଥିଲା। ପୋଲିସ ୩୮୯/୨୦ରେ କେସ୍ ରୁଜୁ କରି ଅଭିଯୁକ୍ତ ପ୍ରଶାନ୍ତଙ୍କୁ ନୋଟିସ ଦେଇ ଛାଡିଦେଇଛି।

### ଟ୍ରାକ୍ଟର ଜବତ, ଚାଳକ ଅଟକ

ଧର୍ମଶାଳା,୨୧।୧୧(ଡି.ଏନ.ଏ.): ଜେନାପୁର ଥାନା ରାଇଛନ୍ଦା ବାଲିଘାଟରୁ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ଶନିବାର ପୋଲିସ ଜବତ କରିଛି। ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ରାଇଛନ୍ଦା ବାଲିଘାଟରୁ ବାଲି ବୋଝେଇ ଏକ ଟ୍ରାକ୍ଟରକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲା। ଚାଳକ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ଓଡି୦୪ସି-୦୨୦୭ନଂ. ଟ୍ରାକ୍ଟରକୁ ଜବତ କରିବା ସହ ଏହାର ଚାଳକଙ୍କୁ ଅଟକ ରଖିଛି। ଏ ସମ୍ପର୍କରେ ପୋଲିସ ୩୯୦/୨୦ରେ ଏକ କେସ୍ ରୁଜୁ କରି ତଦନ୍ତ ଚଳାଇଛି।

### ଗଣ୍ଡକୁଳ ଯଜ୍ଞ କମିଟି ପ୍ରତିଷ୍ଠାତା ସଭାପତିଙ୍କ ପରଲୋକ

ବାଲିକୁଦା,୨୧।୧୧(ସ୍ୱ.ପ୍ର.) ନହରଣା ପଞ୍ଚାୟତ ଗଣ୍ଡକୁଳ ଗ୍ରାମ୍ୟ କମିଟି ସଭାପତି ତଥା ଗଣ୍ଡକୁଳ ଯଜ୍ଞ କମିଟି ପ୍ରତିଷ୍ଠାତା ସଭାପତି କିଶାରାମ ବିଶ୍ୱାଳ(୯୪)ଙ୍କ ଶନିବାର ପରଲୋକ ଘଟିଛି। ସେ ଗଣ୍ଡକୁଳ ଯଜ୍ଞ କମିଟିର ପ୍ରତିଷ୍ଠାତା ଥିଲେ। ସେ ଭଦ୍ର ଓ ସରଳ ସ୍ୱଭାବର ବ୍ୟକ୍ତି ଭାବେ ଅଞ୍ଚଳରେ ବେଶ୍ ଜଣାଶୁଣା। ତାଙ୍କ ମୃତ୍ୟୁଖବର ପାଇ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ବିଜେଡ଼ି ନେତା ପ୍ରକାଶ ବସ୍ତିଆ, ସ୍ଥାନୀୟ ସରପଞ୍ଚ ସ୍ମିତାରାଣୀ ପରିଡ଼ା, ବରମୁଣ୍ଡଳୀ ସରପଞ୍ଚ ନିରଞ୍ଜନ ପଣ୍ଡା ପ୍ରମୁଖ ବିଶ୍ୱାଳଙ୍କ ଗଣ୍ଡକୁଳସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

### ୪୦ ନୂଆ ପଜିଟିଭ୍ ଚିହ୍ନଟ, ଜଣେ ମୃତ

ଜଗତ୍‌ସିଂହପୁର ଅଫିସ, ୨୧।୧୧- ଜଗତ୍‌ସିଂହପୁର ଜିଲାରେ ୪୦ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିସହ ତିର୍ତ୍ତୋଲ ବ୍ଲକ ଅଞ୍ଚଳର ୫୭ ବର୍ଷିୟ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଜିଲାରେ ସଂକ୍ରମିତ ସଂଖ୍ୟା ୮,୬୨୮ ଓ ମୃତ୍ୟୁ ସଂଖ୍ୟା ୩୦ରେ ପହଞ୍ଚିଛି ବୋଲି ଜିଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ନୂତନ ସଂକ୍ରମିତଙ୍କ ମଧ୍ୟରୁ ବାଲିକୁଦା ବ୍ଲକ ଓ ନାଉଗାଁରୁ ୩ ଜଣ ଲେଖାଏ ଚିହ୍ନଟ ହୋଇଛନ୍ତି। ତିର୍ତ୍ତୋଲ ଓ ରଘୁନାଥପୁରରୁ ୮ ଜଣ ଲେଖାଏ ଜଗତ୍‌ସିଂହପୁର ପୌରାଞ୍ଚଳ ଓ ବିରିଡ଼ିରୁ ୨ ଜଣ ଲେଖାଏ ସଂକ୍ରମିତ ହୋଇଛନ୍ତି। ଏହାଛଡା ଜଗତ୍‌ସିଂହପୁର ବ୍ଲକରୁ ଜଣେ, ଏରସମା ୯ ଓ ପାରାଦୀପ ପୌରାଞ୍ଚଳରୁ ୪ ଜଣ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୨ ଜଣ କୋଭିଡ୍ ଯୋଦ୍ଧା ଯଥା ପାରାଦୀପ ସିଆଇଏସ୍ଏଫ୍ ବାରାକ୍‌ର ଜଣେ ଯବାନ ଓ ଆଇଓସିଏଲ୍ ୟୁନିଟ୍‌ରେ ରହୁଥିବା ଜଣେ କନ୍‌ଷ୍ଟେବଲ ରହିଛନ୍ତି।

# ନୟାଗଡ଼ ମ୍ୟୁନିସିପାଲିଟିରେ ନାହିଁ ସ୍ମାର୍ଟ ଶ୍ମଶାନ



ଶ୍ମଶାନ ନିକଟରେ ଆବର୍ଜନା ଗଦା।

ନୟାଗଡ଼ ଅଫିସ,୨୧।୧୧

**■ ମୃତଦେହ ଦାହ ପାଇଁ ସହରବାସୀ ହଇରାଣ**

ନୟାଗଡ ମ୍ୟୁନିସିପାଲିଟିରେ ସ୍ମାର୍ଟ ଶ୍ମଶାନ ନାହିଁ। ପୂର୍ବରୁ ଯେଉଁ ଦୁଇ ଶ୍ମଶାନ ରହିଛି ସେଠାରେ ଶବଦାହ କରିବା ସମ୍ଭବ ନୁହେଁ। ତେଣୁ ସହରବାସୀ ହଇରାଣ ହେଉଛନ୍ତି। କେହି ଖର୍ଚ୍ଚାନ୍ତ ହୋଇ ପୁରୀ ସ୍ୱର୍ଗଦ୍ୱାରକୁ ଯାଉଛନ୍ତି ଆଉ କିଏ ନିଜ ବାରିପଟେ ଶବଦାହ କରୁଛନ୍ତି। ଅନ୍ୟପଟେ ନୟାଗଡ ପୁରୁଣା ସହରର ଭାଲୁଖୋଲ ନିକଟରେ ଯେଉଁ ଶ୍ମଶାନ ରହିଛି ତାହା ଆବର୍ଜନାରେ ଭରପୂର ହୋଇ ଦୁର୍ଗନ୍ଧ ବାହାରୁଛି। ଅନ୍ୟ ଶ୍ମଶାନଟି ଖଣ୍ଡପଡା ରୋଡର କୃଷକ ବଜାର ପଛପାଖ ଜନବସତିରେ ରହିଯାଇଥିବାରୁ ଶବଦାହ ହୋଇପାରୁ ନାହିଁ। ଦୀର୍ଘ ୧୫ବର୍ଷ ଧରି ଏହି ସମସ୍ୟା ଲାଗିରହିଥିଲେ ମଧ୍ୟ ଏହାର ସମାଧାନ ହୋଇପାରୁ ନାହିଁ।

ପ୍ରକାଶ ଯେ, ପୁରୁଣା ସହର ଶ୍ମଶାନ ପାଖରେ ନୟାଗଡ଼ ସହରର ଆବର୍ଜନା ଗଦା ହୋଇ ରହୁଛି। ସନ୍ଧ୍ୟା ହେଲେ ଆବର୍ଜନାରେ ନିଆଁ ଲଗାଇ ଦିଆଯିବାରୁ ଦୁର୍ଗନ୍ଧ ହେଉଛି। ଏଣୁ ଏଠାକୁ ଶବଦାହ କରିବାକୁ ଯିବା କାଠିକର ପାଠ ହୋଇପଡୁଛି। ସେହିପରି ଖଣ୍ଡପଡା ରୋଡ୍‌ରେ ଥିବା ଶ୍ମଶାନ ଜବରଦଖଲରେ ଥିଲା। ବର୍ତ୍ତମାନ ଏହା ଚାରିପାଖରେ ବାସପଯୋଗୀ ଘର ହୋଇସାରିଲାଣି। ଗତ ଫେବୃୟାରୀରେ ଏହି ଶ୍ମଶାନ ଚାରିପାଖରୁ ଜବରଦଖଲ ହଟିଥିଲେ ମଧ୍ୟ ଜନବସତି କାରଣରୁ ଏଠାରେ ଶବଦାହ କରିବାକୁ ମନା କରାଯାଉଛି। ଏ ନେଇ ନୟାଗଡ଼ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା କୁହନ୍ତି, ନୟାଗଡ଼ ପୁରୁଣା ସହରରେ ଖୁବ୍‌ଶୀଘ୍ର ସ୍ମାର୍ଟ ଶ୍ମଶାନ ନିର୍ମାଣ ହେବ। ଦେଢ଼ଏକର ଜମିରେ ହେବାକୁ ଥିବା ଶ୍ମଶାନରେ ଗୋଟିଏ ଥରରେ ୪ଟି ମୃତଦେହ ଦାହ କରାଯାଇପାରିବ। ଏଥିପାଇଁ ଦେଢ଼କୋଟି ଟଙ୍କା ମଞ୍ଜୁର ହୋଇସାରିଛି। ଟେଣ୍ଡର ପରେ କାମ ଆରମ୍ଭ ହେବ।

## ୨୫ ଘଣ୍ଟା ପରେ ଦାହହେଲା ମୃତଦେହ

ନୟାଗଡ଼ ଅଫିସ,୨୧।୧୧

**ଥମିଲା ଭାଲିଆଡିହି ଶ୍ମଶାନ ବିବାଦ**

ନୟାଗଡ଼ ଜିଲା ଗୋଡିପଡା ଫାଣ୍ଡି ଭାଲିଆଡିହି ଶ୍ମଶାନରେ ମୃତଦେହ ଦାହକୁ ନେଇ ଉପରସାହି ଓ ପାଇକସାହି ମଧ୍ୟରେ ଶୁକ୍ରବାର ଅପରାହ୍ନରୁ ଲାଗିରହିଥିବା ଉତ୍ତେଜନା ଶନିବାର ସନ୍ଧ୍ୟାରେ ଥମିଛି। ଉପରସାହି ଲୋକ ମୃତଦେହ ଦାହ କରିବାକୁ ଦାବି କରୁଥିବାବେଳେ ପାଇକସାହି ଲୋକ ଏହାକୁ ବିରୋଧ କରିବାରୁ ବିବାଦ ଦେଖାଦେଇଥିଲା। ଉତ୍ତେଜନା ବଢୁଥିବା ଦେଖି ଫୋର୍ସ ମୁତୟନ ହୋଇଥିଲେ। ଖବର ପାଇ ଅତିରିକ୍ତ ଏସ୍‌ପି ଉମାକାନ୍ତ ନାୟକ, ଓଡଗାଁ ତହସିଲଦାର, ଶରଣକୁଳ ଏସ୍‌ଡିପିଓ, ବିଭିନ୍ନ ଥାନାର ଆଇଆଇସି ପହଞ୍ଚି ବୁଝାଶୁଝା ପରେ ଶନିବାର ସନ୍ଧ୍ୟା ୬ଟାରେ ମୃତଦେହ ଦାହ ହୋଇଛି। ସୂଚନାଯୋଗ୍ୟ ଭାଲିଆଡିହି ହାଇସ୍କୁଲ ପାଖ ଶ୍ମଶାନରେ ମୃତଦେହ ଦାହ ହୋଇଆସୁଛି। ତେବେ କିଛିବର୍ଷ ହେଲା ପାଇକସାହି ଲୋକ ଏହାକୁ ବିରୋଧ କରିଆସୁଛନ୍ତି। ବିବାଦ ଲାଗିରହିବାରୁ କିଛି ମାସ ତଳେ ଓଡଗାଁ ତହସିଲଦାର ଯାଇ ଶ୍ମଶାନର ମାପଚୁପ କରି ଚିହ୍ନଟ କରିଥିଲେ। ଏଭଳିସ୍ଥଳେ ଶୁକ୍ରବାର ଅପରାହ୍ନରେ ଉପରସାହିର ନାଥ ପ୍ରଧାନ(୭୦)ଙ୍କ ମୃତ୍ୟୁ ହୋଇଥିଲା। ପରିବାର ଲୋକେ ମୃତଦେହ ଦାହ ପାଇଁ ଶ୍ମଶାନକୁ ନେଇଥିଲେ। ହେଲେ ପାଇକସାହି ଲୋକ ବିରୋଧ କରିଥିଲେ। ଶ୍ମଶାନରେ ଅପରାହ୍ନ ୫ଟାରୁ ମୃତଦେହ ପଡିରହିଥିବାବେଳେ ତାଙ୍କ ସ୍ତ୍ରୀ ଓ ପୁଅ ଜଗିରହିଥିଲେ। ଏ ନେଇ ଶରଣକୁଳ ଆଇଆଇସି ବିମଳ ନାୟକ କୁହନ୍ତି, ଶ୍ମଶାନ ବିବାଦର ସମାଧାନ ହୋଇଛି। ତେବେ ଉଭୟ ପକ୍ଷଙ୍କ ସହ ସୋମବାର ଶରଣକୁଳ ଖାଡେଶ୍ୱରୀ ମନ୍ଦିରରେ ଆଲୋଚନା କରାଯାଇ ସମାଧାନ କରାଯିବାକୁ ନିଷ୍ପତ୍ତି ପରେ ମୃତଦେହ ଦାହ କରାଯାଇଛି।



ଲୋକଙ୍କୁ ବୁଝାଶୁଝା କରୁଛନ୍ତି ପ୍ରଶାସନିକ ଅଧିକାରୀ ଓ ପୋଲିସ।

### ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ମୃତ୍ୟୁ

ବାଲିକୁଦା,୨୧।୧୧(ସ୍ୱ.ପ୍ର.)

ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିବା ନାଉଗାଁ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଶନିବାର କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ଡାବର ପଞ୍ଚାୟତ ଅନ୍ତର୍ଗତ ଡାବରକୂଳ ଗାଁର ସର୍ବେଶ୍ୱର ସାହୁ (୫୨)। ସେ ଏଲ୍ଆଇସି ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ଏହି କାର୍ଯ୍ୟରେ ଜଗତ୍‌ସିଂହପୁର ଯାଇ ମଧ୍ୟାହ୍ନ ସମୟରେ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ବାଲିକୁଦା ଥାନା ଅନ୍ତର୍ଗତ ଇନ୍ଦିରା କଲୋନୀ ଛକରେ ଜଗତସିଂହପୁର ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଗାଁର ପ୍ରଫୁଲ୍ଲ ପ୍ରଧାନଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ସର୍ବେଶ୍ୱର ଗୁରୁତର ହୋଇଥିଲେ। ଦମକଳ ବାହିନୀ ସହାୟତାରେ ଉଭୟଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସର୍ବେଶ୍ୱରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା।

### ଦେଶୀମଦ ଜବତ, ଜଣେ ଗିରଫ

ଖଣ୍ଡପଡ଼ା,୨୧।୧୧(ସ୍ୱ.ପ୍ର.): ନୟାଗଡ଼ ଓ ଖଣ୍ଡପଡ଼ା ଅବକାରୀ ବିଭାଗ କର୍ମଚାରୀ ଶନିବାର ଖଣ୍ଡପଡ଼ା ନିକଟ ଗୋଲାପୋଖରୀ ଓ ନିମୁଣ୍ଡି ଗ୍ରାମରେ ଅଚାନକ ଚଢାଉ କରିଥିଲେ। ଗୋଲାପୋଖରୀ ଗ୍ରାମରୁ ସେମାନେ ପ୍ରାୟ ୫ହଜାର ଲିଟର ପୋଚ ନଷ୍ଟ କରିବା ସହ ଦେଶୀ ମଦରନ୍ଧା ସାମଗ୍ରୀ ଜବତ କରିଥିଲେ। ସେହିପରି ନିମୁଣ୍ଡି ଗ୍ରାମର ସନ୍ତୋଷ ସାହୁଙ୍କ ଘରେ ଚଢାଉ କରି ୨୦ଲିଟର ଦେଶୀମଦ ଜବତ କରି ତାଙ୍କୁ ଗିରଫ କରିଥିଲେ। ଏ ନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି।

## ୨୬ରୁ ତୈଳ ବିଶୋଧନାଗାର ପ୍ରକଳ୍ପ ସମ୍ମୁଖରେ ଧାରଣା

କୁଜଙ୍ଗ,୨୧।୧୧(ଡି.ଏନ୍.ଏ.)

**ବିସ୍ଥାପିତ ପରିବାର ସଦସ୍ୟଙ୍କ ନିଯୁକ୍ତି ଦାବି**

ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପପାଇଁ ବିସ୍ଥାପିତ ହୋଇଥିବା ବହୁ ପରିବାରରୁ କେହି ନିଯୁକ୍ତି ପାଇ ନ ଥିବା ଅଭିଯୋଗ ହୋଇଛି। ଏହାକୁ ବିରୋଧ କରି ଆସନ୍ତା ୨୬ ତାରିଖରୁ ତୈଳବିଶୋଧନାଗାର ପ୍ରକଳ୍ପର ପ୍ରଶାସନିକ ଭବନ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ପୂର୍ବଭାରତ ତୈଳବିଶୋଧନାଗାର ବିସ୍ଥାପିତ ଜନମଙ୍ଗଳ ସମିତି ସଭାପତି ଯଦୁମଣି ପ୍ରଧାନ ଚେତାବନୀ ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ତୈଳ ବିଶୋଧନାଗାର ପ୍ରକଳ୍ପ ପାଇଁ ୧୪୩ ପରିବାରଙ୍କୁ ବିସ୍ଥାପିତ କରାଯାଇଥିଲା। ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ପରିବାରର ଜଣେ ଲେଖାଏ ସଦସ୍ୟଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତିଦିଆଯାଇଥିଲା। ଉକ୍ତ ପରିବାରଗୁଡିକ ମଧ୍ୟରୁ ଏପର୍ଯ୍ୟନ୍ତ କେବଳ ୮୭ ପରିବାର ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ୫୬ ଜଣଙ୍କୁ କୌଣସି ନିଯୁକ୍ତି ମିଳିନାହିଁ। ସେମାନଙ୍କୁ ଜମି ଦିଆଯାଇଥିଲେ ମଧ୍ୟ ନିଯୁକ୍ତି କ୍ଷେତ୍ରରେ ପ୍ରତାରିତ କରାଯାଇଛି ବୋଲି ପ୍ରଧାନ କହିଛନ୍ତି। କେତଜଣ ଠିକା ଶ୍ରମିକ ପ୍ରଶିକ୍ଷଣ ପାଇଥିଲେ ମଧ୍ୟ ୬ବର୍ଷ ହେବ କୁଶଳୀ ପରିବର୍ତ୍ତେ ଅଣକୁଶଳୀ ଶ୍ରମିକଭାବେ ପାରିଶ୍ରମିକ ପାଉଛନ୍ତି। ଏହାକୁ ବିରୋଧ କରି ଗଣଧାରଣା ଦିଆଯିବ ବୋଲି ସମ୍ପାଦକ ଗୋବିନ୍ଦ ମାଝି, ଚନ୍ଦ୍ର କିଶୋର ଦାସ, ଫକିର ମାଝି, ସୂର୍ଯ୍ୟକାନ୍ତ ମହାପାତ୍ର, ନରହରି ପ୍ରଧାନ, ବିଜୟ ସାମନ୍ତରାୟ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଜବରଦଖଲ ଉଚ୍ଛେଦ ଦାବି

ତିର୍ତ୍ତୋଲ, ୨୧।୧୧ (ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ପଣ୍ଡୁଆ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡିଦା ଗ୍ରାମର ଶେଷ ମୁଣ୍ଡରେ ଥିବା ଚକରାସ୍ତା ଓ ନଦୀବନ୍ଧ ରାସ୍ତା ଜଣେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଫଳରେ ଗ୍ରାମବାସୀଙ୍କ ଯାତାୟାତରେ ଅସୁବିଧା ହେଉଛି। ଏହି ଜାଗାରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ କେତେଜଣ ଗ୍ରାମବାସୀ ଶନିବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ମୁଣ୍ଡିଦା ଗାଁର ଉତ୍ତରପାର୍ଶ୍ୱରେ ପଣ୍ଡୁଆ-ଏରସମା ରାସ୍ତାକୁ ସଂଯୋଗ କରିବା ପାଇଁ ଏକ ନଦୀବନ୍ଧ ରହିଛି। ଏହି ନଦୀବନ୍ଧ ସଂଲଗ୍ନ ଏକ ପ୍ଲଟ ଜଣେ ବ୍ୟକ୍ତିଙ୍କ ନାମରେ ରହିଛି। ସମ୍ପୃକ୍ତ ବ୍ୟକ୍ତି ବନ୍ଧକୁ ନିଜର ସମ୍ପତ୍ତି ବୋଲି ଦାବି କରି ବନ୍ଦ କରିଦେଇଛନ୍ତି। ଫଳରେ ଗ୍ରାମବାସୀଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଅପରପକ୍ଷେ ସମ୍ପୃକ୍ତ ବ୍ୟକ୍ତିଙ୍କ ପ୍ଲଟ ଦେଇ ଏକ ଚକରାସ୍ତା ଯାଇଛି। ମାତ୍ର ସେ ଉକ୍ତ ରାସ୍ତାରେ ଏକ ପୋଖରୀ ଖୋଳି ଜବରଦଖଲରେ ରଖିଛନ୍ତି। ତୁରନ୍ତ ଚକରାସ୍ତା ଓ ନଦୀବନ୍ଧ ରାସ୍ତାକୁ ଜବରଦଖଲ ମୁକ୍ତ କରିବା ପାଇଁ କୁଳମଣି ମହାନ୍ତି, ଶରତ ଚନ୍ଦ୍ର ସ୍ୱାଇଁ, ସୌମ୍ୟ ରଞ୍ଜନ ସ୍ୱାଇଁ, ଗୌରାଙ୍ଗ ସ୍ୱାଇଁ, ସନାତନ ମୁଦୁଲି ଓ ୱାର୍ଡସଭ୍ୟ ଶାନ୍ତିଲତା ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

## ହରେକୃଷ୍ଣ ମହତାବଙ୍କ ଜୟନ୍ତୀ

ଚଢ଼େଇଧରା,୨୧।୧୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ ଅଧୀନ ନେତାଜୀ ସାମ୍ବାଦିକ ସଂଘ କାର୍ଯ୍ୟାଳୟଠାରେ ଶନିବାର ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସଂଘ ସମ୍ପାଦକ ବସନ୍ତ କୁମାର ନାୟକ ସଭାପତିତ୍ୱ କରିଥିଲେ। ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଭାଷା ଅନ୍ଦୋଳନରେ ମହତାବଙ୍କ ଭୂମିକା ଅତୁଳନୀୟ ଥିଲା ବୋଲି କହିଥିଲେ। ସହସମ୍ପାଦକ ସୁଶାନ୍ତ ଖଟୁଆ ମହତାବ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଓଡ଼ିଶାରେ ହୋଇଥିବା ପ୍ରଗତିର କଥା କହିଥିଲେ। ସାମ୍ବାଦିକ ବିନୋଦ ପରିଡ଼ା, ଦିଲୀପ କୁମାର ପରିଡା, ପ୍ରଶାନ୍ତ ସାମଲ, ସୁଶାନ୍ତ କୁମାର ଗୋଚ୍ଛାୟତ, ପ୍ରଭାତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ମହାତବାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସୁନୀଲ ଶତପଥୀ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ପ୍ରଭାତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



ମହାତାବ ଜୟନ୍ତୀରେ ଯୋଗ ଦେଇଥିବା ସାମ୍ବାଦିକ ସଂଘ କର୍ମକର୍ତ୍ତା।

## ସଙ୍ଗଠନ ସଜାଡ଼ିବାକୁ ଭାଜପାର ତତ୍ପରତା

ରସୁଲପୁର,୨୧।୧୧(ଡି.ଏନ.ଏ.)



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଦଳୀୟ ନେତା ଓ କର୍ମୀ।

ରସୁଲପୁର ବ୍ଲକରୁ ବରୀ ନିର୍ବାଚନମଣ୍ଡଳୀରେ ସାମିଲ ହୋଇଥିବା ୧୦ ପଞ୍ଚାୟତର ସଂଗଠନ ସଜାଡ଼ିବାକୁ ବରୀ ଭାଜପା ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସାଧାରଣ ନିର୍ବାଚନ ପରିସ୍ଥିତି ଆଗାମୀ ପଞ୍ଚାୟତ ନିର୍ବାଚନରେ ଯେପରି ଭୋଗିବାକୁ ନ ପଡ଼େ ସେ ନେଇ ଏବେଠାରୁ ସଜାଗ ହେଲାଣି ଦଳ। ନିର୍ବାଚନ ପରେ ଭାଜପା ପକ୍ଷରୁ ଅସମ୍ଭବ ନୀରବତା ପରେ ଏକ କାର୍ଯ୍ୟକ୍ରମ ଜରିଆରେ ପଞ୍ଚାୟତୱାରୀ ଭୋଟର ସମୀକ୍ଷା କରାଯିବା ସହ ସଂଗଠନ ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଛି। କାର୍ଯ୍ୟକ୍ରମରେ ଛାମୁଆ କର୍ମୀମାନେ ଯୋଗଦେଇ ଦଳକୁ ତୃଣମୂଳସ୍ତରରୁ ସୁଦୃଢ କରିବା ପାଇଁ କାର୍ଯ୍ୟକର୍ତ୍ତା ଏବେଠାରୁ କାମ କରିବାକୁ ପରାମର୍ଶ ଦେଇଥିଲେ। ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ପାର୍ବତୀ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପରିଷଦ ସଦସ୍ୟ ଚତୁର୍ଭୁଜ ଦ୍ୱିବେଦୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଯୁବନେତା ବିଶ୍ୱରଞ୍ଜନ ମଲ୍ଲିକ, ରବୀନ୍ଦ୍ର ବେହେରା, ବରୀ ବ୍ଲକ ଅଧ୍ୟକ୍ଷା ସୁଭାଶିନୀ ନାଥଶର୍ମା, ବରିଷ୍ଠ ନେତା ବଟକୃଷ୍ଣ ସାହୁଙ୍କ ସମେତ କାର୍ଯ୍ୟକର୍ତ୍ତା ଯୋଗଦେଇ ସାଙ୍ଗଠନିକ ସ୍ଥିତି ସୁଦୃଢ଼ କରିବା ପାଇଁ ମତ ରଖଥିଲେ। ଏହି ଅବସରରେ ବିଜେଡିର ବରିଷ୍ଠ ସଭ୍ୟ ଚକ୍ରଧର ପୃଷ୍ଟି ଓ ଅଶୋକ ସାହୁ ପ୍ରମୁଖ ଦଳ ପରିତ୍ୟାଗକରି ଭାଜପାରେ ସାମିଲ ହୋଇଥିଲେ।

## ଏଲ୍ଆଇସିର ଲାଇଫ ପ୍ଲସ୍ କାର୍ଯ୍ୟାଳୟ ଖୋଲିଲା

କୁଜଙ୍ଗ,୨୧।୧୧(ଡି.ଏନ୍.ଏ.)

କୁଜଙ୍ଗସ୍ଥିତ ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସରେ ଭାରତୀୟ ଜୀବନବୀମା ନିଗମର ଲାଇଫ ପ୍ଲସ କାର୍ଯ୍ୟାଳୟ ଶନିବାର ଖୋଲିଛି। ଏହାକୁ ପାରାଦୀପ ଶାଖା ପ୍ରବନ୍ଧକ ମହେଶ୍ୱର ବେହେରା, ସହଶାଖା ପ୍ରବନ୍ଧକ ଗୌରାଙ୍ଗଚରଣ ପାତ୍ର ଓ ଗୌରାଙ୍ଗ ନାୟକଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି। ପୂର୍ବରୁ କୁଜଙ୍ଗରେ ଭାରତୀୟ ଜୀବନବୀମା ନିଗମର କୌଣସି କାର୍ଯ୍ୟାଳୟ ନ ଥିବାରୁ ପ୍ରିମିୟମ ଦାଖଲ ଓ ନୂଆ ପଲିସି ପାଇଁ ୨୫ କିଲୋମିଟର ଦୂରରେ ଥିବା ପାରାଦୀପ ଓ ରାହାମା କାର୍ଯ୍ୟାଳୟକୁ ଯିବାକୁ ପଡୁଥିଲା। ଫଳରେ ଜମାକାରୀ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ନୂତନ କାର୍ଯ୍ୟାଳୟ ଖୋଲିବା ପରେ ସମସ୍ୟାର ସମାଧାନ ହୋଇପାରିବ ବୋଲି ନିଗମ ପକ୍ଷରୁ କୁହାଯାଇଛି।

## 'ପରିବାରକୁ ଆଗକୁ ନେଇପାରିବେ ନାରୀ'

ବିରିଡି, ୨୧।୧୧(ଡି.ଏନ.ଏ)

**ମହିଳାଙ୍କ ପାଇଁ ଆଇନ ସଚେତନତା କାର୍ଯ୍ୟକ୍ରମ**

ବିରିଡି ବ୍ଲକ ଅନ୍ତର୍ଗତ ମହିନ୍ଦିପୁରରେ ମହିଳାଙ୍କ ପାଇଁ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରଣ ଅନନ୍ତ ଗୋପାଳ ସ୍ୱୟଂସହାୟକ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଡ. ମିନତୀ ବେହେରା ଯୋଗଦେଇ ନାରୀ ସୁଖୀ ରହିଲେ ପରିବାରକୁ ଆଗକୁ ନେଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନ ସଦସ୍ୟା ସ୍ନେହାଞ୍ଜଳୀ ମହାନ୍ତି, ପୁରଣ ସରପଞ୍ଚ ସୁଭଦ୍ରା ଭୋଇ, ସାଇବରକ୍ରାଇମ ଆଡିଶନାଲ ଏସପି ବିଜୟା ବରୁଆ, ଜଗତ୍‌ସିଂହପୁର ଡିଏସଡବ୍ଲ୍ୟୁ ଓ ସ୍ୱର୍ଣ୍ଣମଞ୍ଜରୀ ନାୟକ ପ୍ରମୁଖ ଯୋଗଦେଇ ମହିଳାମାନଙ୍କ ପାଇଁ ଥିବା ବିଭିନ୍ନ ଆଇନଗତ ଦିଗଉପରେ ଆଲୋଚନା କରିଥିଲେ। ଶେଷରେ ଡ. କବି ଶୁଭକୁମାର ଦାଶ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

## ମିଳୁନି ଚିନାବାଦାମ ବିହନ, ଚାଷୀ ଅସନ୍ତୋଷ

ବରୀ,୨୧।୧୧(ଡି.ଏନ.ଏ.)



ବରୀ ବ୍ଲକ ଅଞ୍ଚଳରେ ଏବେ ସରକାରୀ ଚିନାବାଦମ ବିହନ ଅଭାବ ଦେଖାଦେଇଛି। ସରକାରଙ୍କ ତରଫରୁ ଆସିଥିବା ବିହନ ସମୁଦ୍ରକୁ ଶଙ୍ଖେ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଫଳରେ ଏହାକୁ ନେଇ ସେମାନଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। କୃଷି ବିଭାଗ ପକ୍ଷରୁ ଆବଶ୍ୟକ ବିହନ ଯୋଗାଇ ଦିଆଯାଉ ନ ଥିବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ତେଣୁ ଏ ଦିଗରେ କୃଷି ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି।

ସୂଚନାଯୋଗ୍ୟ, ଚଳିତ ବନ୍ୟାରେ ଅଞ୍ଚଳରେ ଚାଷୀଙ୍କ ବ୍ୟାପକ କ୍ଷତି ହେବା ସହ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଥିଲା। ଯାହାକିଛି ଥିଲା ଲଗାଣ ବର୍ଷା ଧୋଇ ନେଇଥିଲା। ଏବେ କେବଳ ଚିନାବାଦମ ହିଁ ଚାଷୀଙ୍କ ଭରଷା ଥିଲା। ଏହି ବ୍ଲକ୍‌ର ୨୯ ପଞ୍ଚାୟତ ମଧ୍ୟରୁ ୨୨ ପଞ୍ଚାୟତର ଚାଷୀ ରବି ଫସଲ ଉପରେ ନିର୍ଭର କରିଥାନ୍ତି। ମହାମାରୀ କରୋନା, ବନ୍ୟା ଓ ଲଗାଣ ବର୍ଷା ପରେ ସରକାର କୃଷକଙ୍କ ପାଇଁ ଆବଶ୍ୟକ ବିହନ ଓ ସାର ଯୋଗାଇ ଦେବାକୁ ଘୋଷଣା କରିଥିଲେ ହେଁ ଏହା କୃଷକଙ୍କ ନିକଟରେ ପହଞ୍ଚି ପାରିନାହିଁ। ୨ ବର୍ଷ ତଳେ ହଜାର ହେକ୍ଟରରୁ ଅଧିକ ଜମିରେ ଚିନାବାଦମ ଚାଷ କରାଯାଇଥିଲାବେଳେ ଚଳିତ ବର୍ଷ ସରକାରଙ୍କ ତରଫରୁ ବିହନ ଯୋଗାଯାଇ ନ ଥିବାରୁ ଅଧିକ ମୂଲ୍ୟରେ ବିହନ କିଣିବାକୁ ପଡୁଛି। ମାତ୍ର ସବୁ ଚାଷୀ ଚଢ଼ାଦରରେ ବିହନ କିଣି ଚାଷ କରିବା ସମ୍ଭବ ନୁହେଁ ବୋଲି ବାଲିବିଲ ଅଞ୍ଚଳର ଚାଷୀ ନାରାୟଣ ଚନ୍ଦ୍ର ପତି କହିଛନ୍ତି। କରୋନା ଓ ବନ୍ୟା ଯୋଗୁ ଆର୍ଥିକ ସମ୍ବଳ ଭଲ ନ ଥିବାରୁ ଚଢା ଦରରେ ଚିନାବାଦାମ ବିହନ କିଣି ଚାଷ କରିପାରୁ ନାହିଁ ବୋଲି ଉଦୟନାଥପୁର ଅଞ୍ଚଳର ଚାଷୀ ବ୍ରଜବନ୍ଧୁ ସାମଲ କହିଛନ୍ତି। ବ୍ଲକ ଅଧୀନ ବୋଦୁଅ, ରତଳାଙ୍ଗ, ଅନ୍ୟାସୀପୁର, କଳାମାଟିଆ, ରମ୍ଭା, ଅରଙ୍ଗାବାଦ, ବାଲିବିଲି, ଭଅଁରା, ଗମ୍ଭୁ, ସେରପୁର, ରତ୍ନଗିରି, ବାଲିଆ ଆଦି ପଞ୍ଚାୟତର ଚାଷୀ ସରକାରୀ ବିହନକୁ ଅପେକ୍ଷା କରି ହତାସ ହୋଇଥିବା କହିଛନ୍ତି। ଚିନାବାଦାମ ଚାଷ ପାଇଁ ବରୀ ବ୍ଲକ୍‌କୁ ୫ ହଜାର କୁଇଣ୍ଟାଲ ବିହନ ଆବଶ୍ୟକତା ଥିଲାବେଳେ ମାତ୍ର ୫୦ କୁଇଣ୍ଟାଲ ବିହନ ଆସିଛି। ଫଳରେ ଅନ୍ୟଚାଷୀଙ୍କୁ ବିହନ ଯୋଗାଣକ୍ଷେତ୍ରରେ କୃଷି ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆ ନ ଯିବା ଘଟଣା କୃଷକଙ୍କ ପ୍ରତି ସରକାରଙ୍କ କେତେ ଆନ୍ତରିକତା ତାହା ସ୍ପଷ୍ଟ ବାରି ହୋଇ ପଡୁଛି କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ଚିନାବାଦାମ ବିହନ ଯୋଗାଣ ବିଷୟରେ ବରୀ କୃଷି ବିଭାଗ ଅଧିକାରୀ ଅକ୍ଷୟ କୁମାର ଦାସ କହିଛନ୍ତି, କ୍ଷେତ୍ର ପ୍ରଦର୍ଶନ ପାଇଁ ଚନ୍ଦନପୁର ପଞ୍ଚାୟତକୁ ୫୦ କୁଇଣ୍ଟାଲ ବିହନ ଆସିଥିଲା। ରଜାପୁର ଓ ଉଦୟନାଥପୁର ସମବାୟ ସମିତି ଚାଷୀଙ୍କ ଆବଶ୍ୟକତାକୁ ଦେଖି ବିହନ ଯୋଗାଇଦେବାକୁ ବିଭାଗକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି।

